# Akashvani, Sambalpur

## SAMBALPURI NEWS BULLETIN

### 22 November 2025 – 6.47- 6.52 am.

*********************************************

ନୂଆଁ ଶ୍ରମ ଆଇନ୍     ଏନ୍‌ଏସ୍‌ଡି

ଶ୍ରମ ଆଇନ୍ ମାନ୍‌କୁ ଅଏତ୍‌କା ସରଲ୍ ଆଉ ବ୍ୟବସ୍ଥିତ୍ କର୍‌ବାର୍ ଲାଗି ଦେଶେ ୪ ଟା ନୂଆଁ ଶ୍ରମ ଆଇନ୍ ଲାଗୁ କରାଯାଇଛେ । ନୂଆଁ ଆଇନ୍ ଶ୍ରମିକ୍‌ମାନ୍‌କୁ ଉଚିତ୍ ପାରିଶ୍ରମିକ, ନିରାପତା, ସାମାଜିକ୍ ସୁରକ୍ଷା ଆଉ ଦେଶର୍ କର୍ମଜୀବୀମାନ୍‌କର୍ କଲ୍ୟାଣ୍ ଦିଗେ ସାହାଜ୍ କର୍‌ବା । ନୂଆଁ ଆଇନ୍ ଜରିଏ ଶ୍ରମିକମାନ୍‌କୁ ସମିଆ ଜାନି ପାରିଶ୍ରମିକ ସୁନିଶ୍ଚିତ୍ କର୍‌ବାର୍, ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ନିଯୁକ୍ତି ପତ୍ର ଠିକ୍ ସମିଆଥି ଦିଆଯିବା, କର୍ମକ୍ଷେତ୍ରଥି ମହିଲାମାନ୍‌କର୍ ସମାନତା ସୁନିଶ୍ଚିତ୍ କର୍‌ବାର୍ ସହେତେ ୪୦ କୋଟି କର୍ମଜୀବୀଙ୍କର୍ ସାମାଜିକ୍ ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବା ବଲି ଶ୍ରମ ଆଉ ନିଯୁକ୍ତି ମନ୍ତ୍ରୀ ମନ୍‌ସୁଖ ମାଣ୍ଡଭିୟ କହିଛନ୍ ।

ହରେକୃଷ୍ଣ ମହତାବ ଜୟନ୍ତୀ     I&PR

ଡକ୍ଟର୍ ହରେକୃଷ୍ଣ ମହତାବ୍ ଓଡ଼ିଶାବାସୀଙ୍କର୍ ଲାଗି ଖାଲି ଗୁଟେ ନାଁ ନୁହେଁସେ, ବିକାଶ୍ ଲାଗି ଗୁଟେ ଚିନ୍ତାଧାରା ଆଉ ପ୍ରେରଣା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ନ ଗଲାକାଏଲ୍ ଉତ୍କଳ କେଶରୀ ଡକ୍ଟର୍ ହରେକୃଷ୍ଣ ମହତାବ୍ଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଆଧୁନିକ୍ ଓଡ଼ିଶାର୍ ଗୌରବ୍ ମୟ କୀର୍ତିଥି ଡକ୍ଟର୍ ମହତାବ୍ଙ୍କର୍ ବଡ଼ ଭୂମିକା ରହିଛେ । ତାଙ୍କର୍ ଆଦର୍ଶ ହିଁ ସମୃଦ୍ଧ ଆଉ ବିକଶିତ୍ ଓଡ଼ିଶା ଗଠନ୍‌ଥି ସର୍କାର୍ଙ୍କର୍ ମୂଲ୍‌ମନ୍ତ୍ର ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମହତାବ୍ଙ୍କର୍ ଜୀବନୀ ଉପ୍‌ରେ ଆଧାରିତ୍ ଭିନ୍ ଭିନ୍ ବହି ଉନ୍ମୋଚନ୍ କର୍‌ବାର୍ ସହେତେ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିଥିଲେ ।

ଓଡ଼ିଶା ରାଜ୍ୟ ଦିବସ I&PR

ନୂଆଦିଲ୍ଲୀ ନ ଚାଲିଥିବା ୪୪ ନମ୍ବର ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଲାଥି ଆଏଜ୍ ଓଡ଼ିଶା ରାଜ୍ୟ ଦିବସ୍ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇ ଅବ୍‌ସରେ ଭିନ୍ ଭିନ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ର ଭିଲ୍ ଆୟୋଜନ୍ କରାଯିବା ।

ସିଏମ୍ କିଷାନ୍        I&PR

ସିଏମ୍ କିଷାନ୍ ଯୋଜ୍ନାଥି ପଞ୍ଜିକରଣ୍ର ଶେଷ୍ ଦିନ ଡିସେମ୍ବର୍ ୩୧ ତାରିଖ୍ ରହିଛେ । ହିତାଧିକାରୀ ଚାଷୀ ମାନେ ଯୋଜ୍ନାଥି ସାମିଲ୍ ହେବାର୍କେ କୃଷକ୍ ଓଡ଼ିଶା ପୋର୍ଟାଲ୍ଥି ପଞ୍ଜିକୃତ ହେବାର୍ ସହେତେ ବେଙ୍କ୍ ଖାତା ଆଉ ଆଧାର୍ ସଂଯୋଗୀକରଣ୍ ବାଧ୍ୟତାମୂଳକ୍ ରହିଛେ । ତାର୍ ଉତ୍ରୁ ଆଧାର୍ ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଏ ଇ-କେଓ୍ୱାଇସି ସହେତେ ପାଖର୍ ଜନସେବା କେନ୍ଦ୍ର କି ବ୍ୟକ୍ତିଗତ ସ୍ତର୍ଥି ସିଏମ୍ କିଷାନ୍ ପୋର୍ଟାଲ୍ cmkisan.odisha.gov.in ଥି ଚାଷୀମାନେ ପଞ୍ଜିକରଣ୍ କରିପାର୍ବେ ।

କୋଣାର୍କ ଉତ୍ସବ        ପୁରୀ ସମ୍ବାଦଦାତା

କୋଣାର୍କ ସୂର୍ଯ୍ୟ ମନ୍ଦିର୍ ପାଖର୍ ମୁକ୍ତାକାଶ୍ ରଙ୍ଗମଂଚ ନ ଆଏବା ୧ ତାରିଖ୍ନୁ ୩୬ ନମ୍ବର୍ କୋଣାର୍କ ଉତ୍ସବ୍ ମୁଳ୍ ହେବା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ମହୋତ୍ସବ୍ର ପ୍ରସ୍ତୁତି ବୈଠକ୍ଥିବା ଇ ନିଷ୍ପତି ନିଆଯାଇଛେ । ଇତାର୍ସହେତେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କୋଣାର୍କ ନ ଗଲାକାଏଲ୍ ଲାଇଟ୍ ଆଉ

ସାଉଣ୍ଡ୍ ସୋ ର ଶୁଭାରମ୍ଭ କରିଛନ୍ । ଇ ପ୍ରକଳ୍ପଥି ୬ କୋଟି ୩୦ ଲାଖ୍ ନୁ ଅଏତ୍କା ଟଙ୍କା ଖର୍ଚ୍ଚା କରାଯାଇଛେ ।

ଶହୀଦ୍ ଲକ୍ଷ୍ମଣ ନାୟକ ଜୟନ୍ତୀ I&PR

ମହାନ୍ ବିପ୍ଳବୀ ଶହୀଦ୍ ଲକ୍ଷ୍ମଣ ନାୟକ୍ଙ୍କର୍ ଅସାଧାରଣ୍ ଦେଶପ୍ରେମ, ଅଦମ୍ୟ ସାହସ୍ ଆର୍ ନିର୍ଭୀକ ସଂଗ୍ରାମୀ ଜୀବନ୍‌କେ ସୁର୍‌ତା କରିକରି ଆଏଜ୍ ସାରା ରାଏଜେ ତାଙ୍କର୍ ଜୟନ୍ତୀ ପାଲନ୍ କରାଯାଉଛେ । କୋରାପୁଟ୍ ଜିଲ୍ଲା ନ ଭାରତ୍ ଛାଡ଼୍ ଆନ୍ଦୋଲନ୍‌ଥି ଆଦିବାସୀ ବୀର ଲକ୍ଷ୍ମଣ ନାୟକ ବଡ଼ ଭୂମିକା ନେଇଥିଲେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ଆଏଜ୍ ସଞ୍ଜ୍‌ବେଲେ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ୍‌ର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ହେବା । ଇଥି ମୁଖ୍ୟଅତିଥି ଭାବେ ଅନୁସୂଚିତ ଜନଜାତି ଆଉ ଅନୁସୂଚିତ ଜାତି ଉନ୍ନୟନ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ୍ ରହେବେ । ଆଏଜ୍ ସଖାଲ୍‌ବେଲା ବିଧାନ୍‌ସଭା ପରିସର୍ ସହେତେ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଆଉ କଳିଙ୍ଗ ହସ୍ପଟାଲ୍ ଛକ୍ ନ ଥିବା ଶହୀଦ୍ ଲକ୍ଷ୍ମଣ୍ ନାୟକଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ୍ କରାଯିବା ।

ଝାର୍‌ସୁଗୁଡ଼ା ଧାନ୍‌ଘିନା କମିଟି ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍ସୁଗୁଡ଼ା ଜିଲ୍ଲା ନ ଆଏବା ମାସ ୯ ତାରିଖ୍ନୁ ଖରିଫ୍ ଧାନ୍ ଘିନା ମୁଲ୍ ହେବା । ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଗଲାକାଏଲ୍ ହେଇଥିବା ଜିଲ୍ଲାସ୍ତରୀୟ ଧାନ୍ଘିନା କମିଟିର୍ ବୈଠକ୍ଥି ଇ ବାବ୍ଦେ ନିଷ୍ପତି ନିଆଯାଇଛେ । ଇଥର ୫ ଲାଖ୍ ୪୩ ହଜାର୍ କ୍ୱିଂଟାଲ୍ ଧାନ୍ ଘିନ୍ବାର୍କେ ଲକ୍ଷ୍ୟ ରଖାଯାଇଛେ । ୩୬ ଟା ପେକ୍ସ ଆଉ ୨୭ ଟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ଧାନ୍ ଘିନାଯିବା । ଧାନ୍ ବିକ୍ବାର୍କେ ଜିଲ୍ଲାର୍ ୨୩ ହଜାର୍ ୨ ଶହ ୧୯ ଝନ୍ ଚାଷୀ ପଞ୍ଜିକୃତ ହେଇଛନ୍ ।

ଯୁବ ଉତ୍ସବ ପ୍ରସ୍ତୁତି ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଯୁଆନ୍ ପିଲା ଟୁକେଲ୍ ମାନ୍କର୍ ଭିତ୍ରୁ ରାଜ୍ୟ ପ୍ରତିନିଧି ଚୟନ୍ କର୍ବାର୍ ଲାଗି ଭିନ୍ ଭିନ୍ ପ୍ରତିଯୋଗିତା ଆଉ ଯୁବ ଉତ୍ସବ ପାଳନ୍ ଲାଗି ଗଲାକାଏଲ୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍ଙ୍କର୍ ସଭାପତିତ୍ୱ ଥି ହେଇଥିବା ବୈଠକ୍ଥି ଆଏବା ୨୯ ଆଉ ୩୦ ତାରିଖ୍ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କର୍ବାର୍କେ ନିଷ୍ପତି ନିଆଯାଇଛେ ।

ବିଶ୍ୱ ମତ୍ସ୍ୟ ଦିବସ ଦେବ୍ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ୍ ସମ୍ମିଲନୀ କକ୍ଷ ନ ଗଲାକାଏଲ୍ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ୍ ଯୋଗ୍ ଦେଇକରି ନୂଆଁ ଜ୍ଞାନ୍ କୌଶଲ୍ ପଦ୍ଧତି ବେଭାର୍ କରିକରି ତଲିଆ ଜମି ମାନ୍‌କେ ମାଛ୍ ଚାଷ୍ କର୍‌ବାର୍ ବାବ୍‌ଦେ ଚାଷୀମାନ୍‌କୁ ପରାମର୍ଶ ଦେଇଛନ୍ ।

ଏକତା ପଦଯାତ୍ରା    ବର୍‌ଗଡ୍ ସମ୍ବାଦଦାତା

ଲୌହମାନବ୍ ସର୍ଦ୍ଦାର୍ ବଲ୍ଲଭ୍ ପଟେଲ୍‌ଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ଅବ୍‌ସରେ ଗଲାକାଏଲ୍ ପଦ୍ମପୁର୍ ନ ଏକତା ପଦଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ପଦଯାତ୍ରା ସହରର୍ ଆର୍.ବି. ହାଇସ୍କୁଲ୍ ପଡ଼ିଆନୁ ବାହାରିକରି ନଗର୍ ପରିକ୍ରମା କରିଥିଲା । କାର୍ଯ୍ୟକ୍ରମ୍‌ଥି ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ପଦ୍ମଶ୍ରୀ ଡକ୍ଟର୍ ହର୍‌ଧର୍ ନାଗ୍, ଉପଜିଲ୍ଲାପାଲ୍, ଉପ ଆରକ୍ଷୀ ଆରକ୍ଷୀ ଅଧିକ୍ଷକ୍ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ପାଣିପାଗ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ନ ମାଲେସିଆ ପାଖର୍ ମାଲାସ୍କା ସନ୍ଧି ପାଖେ ହେଇଥିବା ଘୂର୍ଣ୍ଣିବଳୟ ଆଏଜ୍ ଲଘୁଚାପ୍‌ଥି ବଦ୍‌ଲିପାରେ । ଲଘୁଚାପ୍ ଆହୁରି ବର୍‌କସ୍ ହେଇକରି ଆଏବା ସୋମ୍‌ବାର୍ ଦିନ୍‌ତକ୍ ଅବପାତଥି ବଦ୍‌ଲିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ସାରା ରାଏଜେ ଶୀତ୍ ଟିକେ କମି ଥିବାର୍ ବେଲେ ଆଏବା ୬ ଦିନ୍ ତକ୍ ପାଗ୍ ଏନ୍ତା ଲାଗି ରହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।